# ପାରାଲିଗାଲ ସେଚ୍ଛାସେବୀଙ୍କ ତାଲିମ୍

ଜିଲ୍ଲା ଓ ଦୌରାଜଜ୍‌ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କାନାଳ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କ ପକ୍ଷରୁ ଅନଲାଇନ୍ ମଧ୍ୟମରେ ତାଲୁକ ଆଇନ୍ ସେବା କମିଟି, ପରଜଙ୍ଗ ପାଇଁ ନୂତନ ଭାବେମନୋନିତ ହୋଇଥିବା ପାରାଲିଗାଲ ସେଚ୍ଛାସେବୀ ମାନଙ୍କୁ ନେଇ ତା ୨୬.୦୭.୨୦୨୧ ରିଖ ଠାରୁ ୨୯.୦୭.୨୦୨୧ ରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଅଛି ।ସମାଜର ଦୁର୍ବଳବର୍ଗ, ଅସହାୟ ଏବଂ ଗରିବଶ୍ରେଣୀର ଲୋକମାନଙ୍କୁ ନ୍ୟାୟ ଦେବାସମ୍ପର୍କରେ ଆଲୋଚନା କରାଯାଇଥିଲା । ପାରାଲିଗାଲ ସେଚ୍ଛାସେବୀ ମାନେ ତାଲୁକ ଆଇନ୍ ସେବା କମିଟ ଠାରୁ ଅନୁମତି ନେଇ ହାଜତ୍, ଚିକିତ୍ସାଳୟ , ଗ୍ରାମପଂଚାୟତ କ୍ଲିନିକ୍ ପରିଦର୍ଶନ କରିବେ । ଅନ୍ତେବାସୀ ଏବଂ ରୋଗିମାନଙ୍କୁ କିଭଳି ସେବା ଯୋଗାଇ ଦିଆଯାଉଅଛି ସେସମ୍ପର୍କରେ ତଦାରଖକରିବେ ।ଏଥିପାଇଁ ଆବଶ୍ୟକ ଆଇନ୍ ଗତ ବ୍ୟବସ୍ଥା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା ।

ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟ ଏବଂ ବିଭିନ୍ନ ସମସ୍ୟାର ସମାଧାନ କ୍ଷେତ୍ରରେ ପାରାଲିଗାଲ ସେଚ୍ଛାସେବୀ ମାନଙ୍କର ଭୂମିକା , ପାରିବାରିକ ଓ ସମ୍ପତି ଆଇନ ବିଷୟରେ ଅଧ୍ୟକ୍ଷ, ସ୍ଥାୟୀ ଲୋକ ଅଦାଲତ, ଶ୍ରୀ ଅମିୟ କୁମାର ସାହୁ ବୁଝାଇଥିଲେ । ଶ୍ରୀ ସତ୍ୟ ଆଚାର୍ଯ୍ୟ ଢେଙ୍କାନାଳ ଜିଲ୍ଲା ଶ୍ରମ ଅଧିକାରୀ, ଶ୍ରମ ଆଇନ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତି ଅନୁରାଧା ଗୋଶ୍ୱାମୀ ଶିଶୁ ଓ ମହିଳା ଅଇନ୍ ବିଷୟରେ ଆଲୋଚନା କରିଥିଲେ । ପି.ପି, ଢେଙ୍କାନାଳ ଶ୍ରୀ ଗଣେଶ୍ୱର ବେହେରା ଫୌଜଦାରି ଓ ଦେୱାନି ଆଇନ୍ ବିଷୟରେ ବିଷଦ ଭାବରେ ଆଲୋକପାତ କରିଥିଲେ । ଶ୍ରୀ ଜୟନ୍ତ କୁମାର ଜୟସିଂହ, ତହସିଲଦାର, ପରଜଙ୍ଗ ସରକାରଙ୍କ ପ୍ରଣିତ ବିଭିନ୍ନ ସମାଜ ମଙ୍ଗଳ ଯୋଜନା ବିଷୟରେ ବୁଝାଇଥିଲେ । ଜିଲ୍ଲାଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁକାନ୍ତ କିଶୋର ଜେନା, ପାରାଲିଗାଲ ସେଚ୍ଛାସେବୀଙ୍କୁ ତାଙ୍କର କାର୍ଯ୍ୟ ବିଷୟରେ ବିଷଦ ଭାବରେ ବୁଝାଇବା ସଙ୍ଗେ ସଙ୍ଗେ ଆଇନ୍ ସେବା ପ୍ରାଧିକାରଣ ଅଧିନିୟମ ସାମ୍ବିଧାନିକ ଅଧିକାର ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ତାଲୁକ ଆଇନ୍ ସେବା କମିଟି, ପରଜଙ୍ଗ ର ସମସ୍ତ କର୍ମଚାରୀ ଉପରୋକ୍ତ ଶିବିରକୁ ସୁଚାରରୂପେ ପରିଚାଳନା କରିବାରେ ସହାୟତା କରିଥିଲେ ।

******

Sd/-
Secretary
District Legal Services Authority
Dhenkanal